# ଓଡ଼ିଶା ସରକାର

## ପର୍ଯ୍ୟଟନ ଓ ସଂସ୍କୃତି (ସଂସ୍କୃତି) ବିଭାଗ, ଭୁବନେଶ୍ୱର ।

## <u>ବିଜ୍ଞାପନ</u>

### <u>୨୦୧୬-୧୭ ଆର୍ଥିକ ବର୍ଷରେ ଦୁଃସ୍ଥ କଳାକାର ଓ ସାହିତ୍ୟିକଙ୍କୁ ରାଜ୍ୟ ଦୁଃସ୍ଥ କଳାକାର ଭତ୍ତା</u>

ରାଜ୍ୟର ଚିତ୍ରକଳା, ଭାସ୍କର୍ଯ୍ୟ, ସଂସ୍କୃତି, ସାହିତ୍ୟ, ନୃତ୍ୟ, ନାଟ୍ୟ, ସଙ୍ଗୀତ, ବାଦ୍ୟ, ଅଭିନୟ ତଥା ପାଇକ ଆଖଡ଼ା ଆଦି କଳାକୁ ସମୃଦ୍ଧ କରିବା ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରି ବର୍ତ୍ତମାନ ଦୁଃସ୍ଥ ଅବସ୍ଥାରେ କାଳାତିପାତ କରୁଥିବା ସର୍ବନିମ୍ନ ୬୦ ବର୍ଷ (ଷାଠିଏ ବର୍ଷ) ବୟସ୍କ ପୁରୁଷ ଓ ୫୦ ବର୍ଷ (ପଚାଶ ବର୍ଷ) ମହିଳା କଳାକାର ମାନଙ୍କ ମଧ୍ୟରୁ ସୀମିତ ସଂଖ୍ୟକ କଳାକାରଙ୍କୁ ମାସିକ ଭତ୍ତା ଦେବାକୁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଉଅଛି ।  କୌଣସି ଦୁର୍ଘଟଣା ବା ରୋଗଗ୍ରସ୍ତ ହୋଇ ଅସମୟରେ  ନିଜର କାର୍ଯ୍ୟ ଦକ୍ଷତା ହରାଇଥିବା କଳାକାରମାନଙ୍କ କ୍ଷେତ୍ରରେ ଏହି ବୟସସୀମାକୁ ଆହୁରି ୧୦ (ଦଶ) ବର୍ଷ ପର୍ଯ୍ୟନ୍ତ କୋହଳ କରାଯାଇଅଛି । ଦରଖାସ୍ତକାରୀମାନଙ୍କ ବ୍ୟକ୍ତିଗତ ଆୟ ବାର୍ଷିକ ଟ.୪୮,୦୦୦/- (ଅଠଚାଳିଶ ହଜାର ଟଙ୍କା) ରୁ ଅଧିକ ହୋଇ ନ ଥିବ । ଏହି ଭତ୍ତା ପାଇବା ପାଇଁ ଇଚ୍ଛୁକ କଳାକାରମାନେ ନିମ୍ନ ପ୍ରଦତ୍ତ ନିର୍ଦ୍ଧାରିତ ଫର୍ମ ଅନୁସାରେ ସେମାନଙ୍କ ବିଷୟରେ ତଥ୍ୟ ପ୍ରଦାନ କରି ଦରଖାସ୍ତ ଗୁଡ଼ିକୁ ସିଧା ନିର୍ଦ୍ଦେଶକ, ସଂସ୍କୃତି, ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର, ଭୁବନେଶ୍ୱର-୧୪ ଙ୍କ ଠିକଣାରେ ପଠାଇବା ଆବଶ୍ୟକ । **ଦରଖାସ୍ତ ନିର୍ଦ୍ଦେଶକ, ସଂସ୍କୃତିଙ୍କ ପାଖରେ ବିଜ୍ଞାପନ ପ୍ରକାଶନର ଏକ ମାସ ମଧ୍ୟରେ ପହଞ୍ଚିବାର ଶେଷ ତାରିଖ ଧାର୍ଯ୍ୟ କରାଯାଇଅଛି ।** ବ୍ୟକ୍ତିଗତ ଆୟ ସମ୍ପର୍କରେ ସମ୍ପୃକ୍ତ ତହସିଲଦାରଙ୍କ ପ୍ରଦତ୍ତ ବାର୍ଷିକ ଆୟର (ଚଳିତ ବର୍ଷ ୨୦୧୬-୧୭) ପ୍ରମାଣପତ୍ର ସହ ବୟସ ସମ୍ପର୍କରେ ସ୍କୁଲ ପ୍ରମାଣପତ୍ର କିମ୍ବା ଡ଼ାକ୍ତରୀ ପ୍ରମାଣପତ୍ରର ଅବିକଳ ନକଲ / ଆଧାର କାର୍ଡ଼ / ଭୋଟର ପରିଚୟପତ୍ରର ଜେରକ୍ସ କପି ନିଜଦ୍ୱାରା ସ୍ୱାକ୍ଷରିତ (ଆଟେଷ୍ଟେଡ୍) ହୋଇଥିବା ଆବଶ୍ୟକ ।

ନିର୍ଦ୍ଧାରିତ ଫର୍ମରେ ପୂରଣ ହୋଇ ନ ଥିବା ବା ନିର୍ଦ୍ଧାରିତ ସମୟସୀମାପରେ ମିଳିଥିବା ଦରଖାସ୍ତ ଗଡ଼ିକ ବିଚାରକୁ ନିଆଯିବ ନାହିଁ । ଯେଉଁ କଳାକାରମାନେ ବିଜ୍ଞାପନ ପ୍ରକାଶ ପାଇବା ପୂର୍ବରୁ ଉକ୍ତ ଭତ୍ତା ପାଇଁ ଅବେଦନ କରିଛନ୍ତି, ସେମାନେ ମଧ ବିଜ୍ଞାପନ ପ୍ରକାଶ ପାଇବା ପରେ ନିର୍ଦ୍ଧାରିତ ଫର୍ମରେ ସମସ୍ତ ତଥ୍ୟ ସହ ପୁନଃ ଆବେଦନ କରିବାକୁ ଅନୁରୋଧ । ପାଇକ ଆଖଡ଼ା କଳାକାରମାନେ ଉପରୋକ୍ତ ବିଜ୍ଞାପନ ଅନୁସାରେ ରାଜ୍ୟ ସଂସ୍କୃତି ବିଭାଗଙ୍କୁ ଆବେଦନ କରିବା ପାଇଁ ଅନୁରୋଧ । ଏ ସଂକ୍ରାନ୍ତରେ ରାଜ୍ୟ ସଂସ୍କୃତି ବିଭାଗ **Website : <u>www.odishaculture.gov.in</u>** ର ସାହାଯ୍ୟ ନେଇ ପାରନ୍ତି ।

ନିର୍ଦ୍ଦେଶକ, ସଂସ୍କୃତି ତଥା ଅତିରିକ୍ତ ଶାସନ ସଚିବ,
ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର,
ଭୁବନେଶ୍ୱର-୭୫୧୦୧୪

## ୨୦୧୬-୧୭ ମସିହା ପାଇଁ ଦୁଃସ୍ଥ କଳାକାର ଓ ସାହିତ୍ୟିକ ମାନଙ୍କୁ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଭତ୍ତା ମିଳିବା ପାଇଁ ଆବେଦନ ଫର୍ମ

***

୧. ନାମ :

୨. ପିତା / ସ୍ୱାମୀଙ୍କ ନାମ :

୩. ଠିକଣା :

୪. ସ୍ଥାୟୀ ଠିକଣା :

୫. ଜନ୍ମ ତାରିଖ ପ୍ରମାଣପତ୍ରର ନକଲ ନିଜ ଦ୍ୱାରା ସ୍ୱାକ୍ଷରିତ ହୋଇଥିବା ଦରକାର :

୬. କେଉଁ ପ୍ରକାର କଳାକାର :

୭. ଉଲ୍ଲେଖଯୋଗ୍ୟ କାର୍ଯ୍ୟର ବିବରଣୀ :

୮. ବର୍ତ୍ତମାନର ପେଷା ଏବଂ ବିଭିନ୍ନ ସୂତ୍ରରୁ ବାର୍ଷିକ ଆୟର ପରିମାଣ (ସ୍ଥାନୀୟ ତହସିଲଦାରଙ୍କ ଠାରୁ ଏ ସମ୍ପର୍କରେ ପ୍ରମାଣପତ୍ର ଆଣିବାକୁ ପଡ଼ିବ) :

୯. ଦରଖାସ୍ତକାରୀଙ୍କ ଉପରେ ନିର୍ଭରଶୀଳ ପରିବାର ସଂଖ୍ୟା ଦରଖାସ୍ତକାରୀଙ୍କ ସହ ସେମାନଙ୍କ ସମ୍ପର୍କ, ବୟସ, ବୃତ୍ତି ଏବଂ ଆୟପନ୍ଥା ଯଦି କିଛି ଥାଏ ତାହାର ବିବରଣୀ । :

୧୦. ନିଜ ନାମରେ ବା ସ୍ତ୍ରୀ / ସ୍ୱାମୀ କିମ୍ବା ସନ୍ତାନ ସନ୍ତତିଙ୍କ ନାମରେ ଅଚଳନ୍ତି ସମ୍ପତ୍ତିର ବିବରଣୀ ଯଥା : ଅବସ୍ଥିତ, ପରିମାଣ ଓ ଆନୁମାନିକ ମୂଲ୍ୟର ବିବରଣୀ । :

୧୧. ସରକାରୀ ଓ ଅର୍ଦ୍ଧ ସରକାରୀ ସଂସ୍ଥା ବା ସାହିତ୍ୟ ଓ କଳା କ୍ଷେତ୍ରରେ ସ୍ୱନାମଧନ୍ୟ ଅନୁଷ୍ଠାନ ମାନଙ୍କରୁ ମିଳିଥିବା ସାର୍ଟିଫିକେଟ ଉପାଧି ପ୍ରଭୃତିର ବିବରଣୀ । (ପ୍ରମାଣପତ୍ରର ନକଲ ନିଜ ଦ୍ୱାରା ସ୍ୱାକ୍ଷରିତ ହୋଇଥିବା ଦରକାର) :

୧୨. ଦରଖାସ୍ତକାରୀ କେନ୍ଦ୍ର ବା ରାଜ୍ୟ ସରକାରଙ୍କଠାରୁ ଏଭଳି ଯୋଜନାରେ ପୂର୍ବରୁ କୌଣସି ସାହାଯ୍ୟ ପାଉଛନ୍ତି କି ? ଯଦି ପାଉଥାନ୍ତି ତେବେ ବିଶେଷ ବିବରଣୀ ଦେବେ । :

୧୩. ଦରଖାସ୍ତକାରୀ କୌଣସି ଆଇନ ଅଦାଲତରେ ଦଣ୍ଡିତ ହୋଇଛନ୍ତି କି ? ଯଦି ହୋଇଥାନ୍ତି ତେବେ ତାହାର ସବିଶେଷ ବିବରଣୀ ଦେବେ । :

୧୪. କୌଣସି ଗେଜେଟେଡ୍ ଅଧିକାରୀ / ବିଧାନସଭାର ସଭ୍ୟ ବା ସଂସଦର ସଭ୍ୟଙ୍କ ସୁପାରିସ । :

୧୫. ଅନ୍ୟାନ୍ୟ ଜ୍ଞାତବ୍ୟ ତଥ୍ୟ ଯଦି କିଛି ଥାଏ :

୧୬. କଳାକାର ବାସ କରୁଥିବା ବ୍ଲକର ନାମ :

୧୭. କଳାକାରଙ୍କ ବ୍ୟାଙ୍କରେ ଜମାଖାତାଥିଲେ ବ୍ୟାଙ୍କର ନାମ, ଠିକଣା, ବ୍ୟାଙ୍କ ଖାତା ନମ୍ବର ଓ **IFS Code** ନମ୍ବର :

ଦରଖାସ୍ତକାରୀଙ୍କ ପୂର୍ଣ୍ଣ ସ୍ୱାକ୍ଷର ଓ

ତରିଖ

<u>ବି.ଦ୍ର.</u>: ଆବଶ୍ୟକ ପ୍ରମାଣପତ୍ରର ସହି ମୋହର ନକଲ ଦାଖଲ କରିବାକୁ ଅନୁରୋଧ ।